ସକାଳ
THE SAKALA

## ପୁଷ୍ଟିଶସ୍ୟ ସୁଆଁ କରିବ ସ୍ୱାବଲମ୍ବୀ

# ଦୃଷ୍ଟାନ୍ତ ସାଜିଛନ୍ତି ମହିଳା ଚାଷୀ ସରିତା ସାହୁ

## ସୁଆଁରୁ ପ୍ରସ୍ତୁତ ହେଉଛି ବିସ୍କୁଟ, କେକ୍, ଖିରୀ, ଉପମା ଆଦି ସୁସ୍ୱାଦୁ ବ୍ୟଞ୍ଜନ



ସୁନ୍ଦରଗଡ଼, ୨।୧୨(ସମିସ)

ବିରଳ ସୁଆଁ ଚାଷକୁ ପ୍ରମୁଖ ଜୀବିକା ଭାବେ ଗ୍ରହଣ କରି ଏକ ନୂତନ ଆୟର ପନ୍ଥା ସୃଷ୍ଟି କରିଛନ୍ତି ବାଲିଶଙ୍କରା ବ୍ଲକ ତଲସରା ଗାଁର ସଫଳ ପୁଷ୍ଟିଶସ୍ୟ ମହିଳା ଚାଷୀ ସରିତା ସାହୁ। ୨୪ ବର୍ଷିଆ ସରିତା ଆଦିବାସୀ ଅଧ୍ୟୁଷିତ ବାଲିଶଙ୍କରା ବ୍ଲକର ତଲସରା ଗ୍ରାମର ଏକ ମଧ୍ୟବିତ୍ତ ପରିବାରର ଗୃହିଣୀ ଅଟନ୍ତି। ସ୍ୱାମୀ ତରୁଣ କୁମାର ସାହୁ, ୨ ପୁଅ ଆୟୁଷ ଓ ପୀୟୁଷଙ୍କ ସହ ଏକ ଯୌଥ ପରିବାରରେ ବାସ କରୁଥିବା ସରିତାଙ୍କ ନିଜସ୍ୱ ଜମି କହିଲେ କିଛି ନାହିଁ। ପିଲାଟି ଦିନରୁ କିନ୍ତୁ ଚାଷ ପ୍ରତି ତାଙ୍କର ଭାରି ଦୁର୍ବଳତା ଥିଲା। ଗତବର୍ଷ ବାଲିଶଙ୍କରା ବ୍ଲକରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ଓ ଓଡ଼ିଶା ମିଲେଟ ମିଶନ ମିଳିତ ଉଦ୍ୟମରେ ଆୟୋଜିତ ପୁଷ୍ଟିଶସ୍ୟ ମହୋତ୍ସବ, ଦକ୍ଷତା ବୃଦ୍ଧି ତାଲିମ କାର୍ଯ୍ୟକ୍ରମରେ ସାମିଲ ହେବାର ସୁଯୋଗ ପାଇଥିଲେ ସରିତା। ସେଥିରୁ ପୁଷ୍ଟିଶସ୍ୟ ଚାଷ ନିମନ୍ତେ ଆଗ୍ରହୀ ହେଲେ ବି ଚାଷଜମି ପ୍ରତିବନ୍ଧକ ସାଜିଥିଲା। ନିଜସ୍ୱ କିମ୍ବା ପରିବାରର କୌଣସି ଜମି ନ ଥିବାରୁ ପୁଷ୍ଟିଶସ୍ୟ ଚାଷ ସ୍ୱପ୍ନ ସଫଳ ହେବା ଆଶା ନ ଥିଲା। ହେଲେ ନିଜର ଦୃଢ଼ ଇଚ୍ଛାଶକ୍ତି, ନୂଆ କିଛି କରିବାର ଅଦମ୍ୟ ଆଗ୍ରହ ଦ୍ୱାରା ଗ୍ରାମର ଅନେକ ଲୋକଙ୍କୁ ସଚେତନ କରିବାକୁ ସେ ଚେଷ୍ଟା କରିଥିଲେ। ଶେଷରେ ୭ ଜଣଙ୍କୁ ସଚେତନ କରି ଭାଗଚାଷୀ ଭାବରେ ପଡ଼ିଆ ପଡ଼ିଥିବା ୧୫ ଏକର ଜମିରେ ପୁଷ୍ଟିଶସ୍ୟ ସୁଆଁ ଚାଷ ଆରମ୍ଭ କରିଛନ୍ତି। ନିଜର କଠିନ ପରିଶ୍ରମ, ପରିବାର ଲୋକଙ୍କ ସହଯୋଗ ପାଇଁ ଆଜି ତାଙ୍କ ୧୫ ଏକର ଜମିରେ ଫଳିଛି ସୁନାର ଫସଲ। ସୁଆଁ ମାଳ ମାଳ ହୋଇ ଝୁଲୁଛି। ଆଉ ମାତ୍ର ଗୋଟିଏ ସପ୍ତାହ ଭିତରେ ଅମଳ କରିବାକୁ ଯୋଜନା କରୁଥିବା ବେଳେ ଏଥିରୁ ଅତି କମରେ ୩ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିବାକୁ ସରିତା ଆଶା ରଖିଛନ୍ତି। ସୁଆଁରୁ ମୁଖ୍ୟତଃ ବିସ୍କୁଟ, କେକ, ଉପମା, ଖିରୀ ଇତ୍ୟାଦି ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତ ହେଉଥିବା ବେଳେ କିଲୋ ପ୍ରତି ଏହାର ବିକ୍ରି ମୂଲ୍ୟ ହେଉଛି ୫୧ ଟଙ୍କା। ଖୋଲା ବଜାରରେ ୬୦ରୁ ୮୦ ଟଙ୍କା ପର୍ଯ୍ୟନ୍ତ ମଧ୍ୟ ବିକ୍ରି ହେଉଛି। ସୁଆଁର ପାଉଡର ପ୍ରସ୍ତୁତ କରି ଏଥିରୁ ଇଡ଼ଲି, ବରା, ଜିଲାପି ଆଦି ବ୍ୟଞ୍ଜନ ପ୍ରସ୍ତୁତ କରାଯାଏ। ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଚାଲୁଥିବା ମିଲେଟ ମିଶନ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ତରଫରୁ ବାଲିଶଙ୍କରା ଓ ଟାଙ୍ଗରପାଲି ବ୍ଲକର ଚାଷୀମାନଙ୍କୁ ମାଣ୍ଡିଆ, କଦୋ, ଗଙ୍ଗେଇ ସାଙ୍ଗକୁ ବହୁଳ ପରିମାଣରେ ସୁଆଁ ଚାଷ କରିବା ନିମନ୍ତେ ନିରନ୍ତର ପ୍ରୟାସ କରାଯାଉଛି। ସରିତା ଏହାର ସଫଳ ଦୃଷ୍ଟାନ୍ତ ହୋଇଛନ୍ତି।

ଆବାହମାନ କାଳରୁ ପୁଷ୍ଟିଶସ୍ୟ ମଣିଷ ସଭ୍ୟତାର ମୁଖ୍ୟ ଓ ପ୍ରଥମ ଖାଦ୍ୟ ଥିଲା। ପ୍ରାମାଣିକ ତଥ୍ୟ ଅନୁସାରେ ମିଲେଟ୍ସ ଚାଷ ଧାନଚାଷଠାରୁ ମଧ୍ୟ ପ୍ରାଚୀନ। ଇତିମଧ୍ୟରେ ସମୟର ପରିବର୍ତ୍ତନ ସହ ଲୋକଙ୍କ ଚାଷ ଓ ଖାଦ୍ୟର ଅଭ୍ୟାସ ପରିବର୍ତ୍ତନ ହୋଇଛି। ପୂର୍ବକାଳରେ ପୁଷ୍ଟିଶସ୍ୟ ଜୀବନର ମୁଖ୍ୟ ଅଧାର ଥିବାବେଳେ ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ମଧ୍ୟ ବେଶ ଉନ୍ନତ ଧରଣର ଥିଲା। ହେଲେ ଉଗ୍ର ଆଧୁନିକତାର କରାଳ ଛାୟାରେ ମାନବ ସମାଜର ବହୁମୂଲ୍ୟ ପୁଷ୍ଟିଶସ୍ୟ ଖାଦ୍ୟ ବିଲୁପ୍ତ ପ୍ରାୟ ହୋଇ ଜଙ୍କ୍ ଫୁଡ୍, ଫାଷ୍ଟ ଫୁଡ୍‌ର ବିଷାକ୍ତ ବଳୟ ଆରମ୍ଭ ହୋଇଛି। ସ୍ୱାସ୍ଥ୍ୟ ପକ୍ଷେ ପ୍ରଚୁର ମାତ୍ରାରେ କ୍ଷତିକାରକ ଏହି ଜଙ୍କ ଫୁଡ, ଫାଷ୍ଟ ଫୁଡର ମାୟାଜାଲରେ ଲୋକେ ଛନ୍ଦି ହୋଇଛନ୍ତି। ପୁଷ୍ଟିଶସ୍ୟ ଚାଷ ସଙ୍କୁଚିତ ହୋଇଛି। କିଛି ପାହାଡ଼ ପର୍ବତ ଘେରା ମାଳ ଅଞ୍ଚଳକୁ ବାଦ ଦେଲେ ଏହାର ଗୁରୁତ୍ୱ ହ୍ରାସ ହେବାରେ ଲାଗିଥିଲା। କିନ୍ତୁ ଆଜି ଏଥିରେ ଅନେକ ପରିବର୍ତ୍ତନ ଆସିଛି। ସମ୍ପ୍ରତି ଦେଖାଯାଉଥିବା ଜଳବାୟୁ ପରିବର୍ତ୍ତନ, ଫସଲରେ ରୋଗପୋକ ଲାଗିବା ପରି ସମସ୍ୟାର ବିକଳ୍ପ ଭାବେ ଉଭା ହୋଇଛି ପୁଷ୍ଟିଶସ୍ୟ ଚାଷ। ସାରା ବିଶ୍ୱ ମିଲେଟ୍ସ ଜାତୀୟ ଫସଲ, ଖାଦ୍ୟର ଗୁରୁତ୍ୱ ଓ ଖାଦ୍ୟ ସୁରକ୍ଷା ଦିଗରେ ଏହାର ଅବଦାନ ବିଷୟରେ ହୃଦୟଙ୍ଗମ କରିପାରିଛି। ସାରା ବିଶ୍ୱରେ ମିଲେଟ୍ସ ଜାତୀୟ ଖାଦ୍ୟର ଉତ୍ପାଦନ, ପ୍ରକ୍ରିୟାକରଣ ଓ ବ୍ୟବହାରକୁ ଲୋକପ୍ରିୟ କରିବା ପାଇଁ ମିଳିତ ଜାତିସଂଘ ୨୦୨୩ ବର୍ଷକୁ ଅନ୍ତର୍ଜାତୀୟ ମିଲେଟ୍ସ ବର୍ଷ ଭାବେ ପାଳନ କରୁଛି। ପୁଷ୍ଟିଶସ୍ୟର ବିଭିନ୍ନ ପ୍ରଜାତିର ଫସଲ ମଧ୍ୟରୁ ଓଡ଼ିଶାରେ ସୁଆଁ ଚାଷ ଅପେକ୍ଷାକୃତ ଅଳ୍ପ ଭାବେ ପ୍ରଚଳିତ।

### ଏମାନେ ଯାହା କହନ୍ତି...



ଓଡ଼ିଶା ସରକାରଙ୍କ କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ପକ୍ଷରୁ ଚାଲୁଥିବା ମିଲେଟ ମିଶନ କାର୍ଯ୍ୟକ୍ରମରେ ଆମ ଅନୁଷ୍ଠାନ ସେବକ ବାଲିଶଙ୍କରା ଓ ଟାଙ୍ଗରପାଲି ବ୍ଲକରେ ସହଯୋଗୀ ଅନୁଷ୍ଠାନ ଭାବରେ କାର୍ଯ୍ୟରତ। ବାଲିଶଙ୍କରା ବ୍ଲକରେ ସମୁଦାୟ ୧୭୯୮ ଚାଷୀ ୮୦୮ ହେକ୍ଟର ଜମିରେ ମାଣ୍ଡିଆ ଚାଷ କରୁଥିବା ବେଳେ ୧୧୨.୬ ହେକ୍ଟର ଜମିରେ ଗଙ୍ଗେଇ ଓ ସୁଆଁ ଚାଷ କରାଯାଉଛି। ସେମାନଙ୍କ ମଧ୍ୟରେ ମହିଳା ଚାଷୀ ସରିତା ସାହୁ ଦୃଷ୍ଟାନ୍ତମୂଳକ କାର୍ଯ୍ୟକରି ୧୫ ଏକର ଜମିରେ ସୁଆଁ ଚାଷ କରିଛନ୍ତି। ନିଜର ଜମି ନ ଥିଲେ ମଧ୍ୟ ଅନ୍ୟମାନଙ୍କୁ ସଚେତନ କରି ସେମାନଙ୍କ ଅବ୍ୟବହୃତ ଜମିରେ ସୁଆଁ ଚାଷ କରି ସଫଳ ହୋଇଛନ୍ତି ଯାହା ଅନ୍ୟମାନଙ୍କୁ ପ୍ରେରଣା ଯୋଗାଇବା ସହ ସରିତାଙ୍କ ସଫଳତା ତାଙ୍କୁ ସ୍ୱାବଲମ୍ବୀ କରିବ ବୋଲି ମୋର ଆଶା।

-ପ୍ରଦୀପ କୁମାର ବ୍ରହ୍ମ (ସମ୍ପାଦକ, ସେବକ)



ସରିତା ଆମ ଅଞ୍ଚଳର ସମସ୍ତଙ୍କ ପାଇଁ ଆଦର୍ଶ ସାଜିଛନ୍ତି। ତାଙ୍କର ପ୍ରବଳ ଇଚ୍ଛାଶକ୍ତି, ନୂଆ କିଛି କରିବାର ଜିଦ୍, ପରିଶ୍ରମ ପାଇଁ ଆଜି ସେ ଜଣେ ସଫଳ ମହିଳା ଚାଷୀ ହୋଇପାରିଛନ୍ତି। ତାଙ୍କ ସଫଳତା ଅଞ୍ଚଳର ଅନେକ ଚାଷୀଙ୍କୁ ବିଭିନ୍ନ ପୁଷ୍ଟିଶସ୍ୟ ବହୁଳ ପରିମାଣରେ ଚାଷ କରିବା ନିମନ୍ତେ ଉତ୍ସାହିତ କରିବ।

-ମନୋଜ ପଟେଲ (ସ୍ଥାନୀୟ ଚାଷୀ)